# ଆନ୍ତର୍ଜାତିକ ବୟସ୍କ ବ୍ୟକ୍ତି ଦିବସ ।

## ଚଳିତ ବର୍ଷର ବାର୍ତ୍ତା ସବୁ ବୟସ୍କ ମାନଂକ ପାଇଁ ଡିଜିଟାଲ ନିରପେକ୍ଷତା ।

ବର୍ତ୍ତମାନ ସମାଜରେ ବୈଷୟିକ ଜ୍ଞାନର ବହୁଳ ପ୍ରଚଳନ ହେତୁ ଆମେ କିପରି ବଂଚିବା, କାମ କରିବା ଓ ଅନ୍ୟମାନଂକ ସହିତ ସମ୍ପର୍କ ଯୋଡିବା ସମ୍ଭବ ହୋଇପାରୁଛି । ଡିଜିଟାଲ ବିଶ୍ୱରେ ବୟସ୍କ ବ୍ୟକ୍ତିମାନଂକର ନିରାପତ୍ତା ଓ ଗୋପନୀୟତାକୁ ଅନୁସନ୍ଧାନ କରି ଏକ ଆଇନଗତ ଢାଂଚା ପ୍ରସ୍ତୁତ କରିବା ଏହି ଦିବସର ମୁଖ୍ୟ ଉଦ୍ଦେଶ୍ୟ । ଏହି ଅବସରରେ ଆଜି ସୌଭାଗ୍ୟନଗର ସ୍ଥିତ ନବଜୀବନ ଜରାନିବାସ ଠାରେ ଆନ୍ତର୍ଜାତିକ ବୟସ୍କ ବ୍ୟକ୍ତି ଦିବସ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ପୂର୍ଣ୍ଣିମା ଉଦଗାତା ଆନ୍ତର୍ଜାତିକ ବୟସ୍କ ବ୍ୟକ୍ତି ଦିବସ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋପାତ କରିଥିଲେ । ବୟସ୍କ ବ୍ୟକ୍ତି ସୁସ୍ଥ ଜୀବନ ଯାପନ କରିବା ସହ ଖାଦ୍ୟ ପାନୀୟ ସିମୀତ,ସନ୍ତୁଳିତ ଓ ସୁଷମ କରନ୍ତୁ । ବାର୍ଦ୍ଧକ୍ୟକୁ ବୋଝ ବୋଲି ଭାବନ୍ତୁ ନାହିଁ । ନିଶା ସେବନରୁ ନିବୃତ୍ତ ରୁହନ୍ତୁ । ନିଜ ପସନ୍ଦ ମୁତାବକ ଓ ଶରୀରକୁ ସୁହାଇଲା ଭଳି କିଛି ବ୍ୟାୟାମ କରନ୍ତୁ । ମନକୁ ଖୁସି ରଖିବାକୁ ପଢା ପଢି, ଲେଖା ଲେଖି ସହ ପରିବାର ଓ ସାଂଗ ସାଥିଂକ ସହ ଫୋନରେ ସମ୍ପର୍କ ବଜାୟ ରଖନ୍ତୁ । ପ୍ରାର୍ଥନା କରିବା ସହ ଭଜନ ଜଣାଣ ଆଦି ଶୁଣନ୍ତୁ । ନିୟମିତ ବ୍ୟବଧାନରେ ସ୍ୱାସ୍ଥ୍ୟ ପରିକ୍ଷା କରନ୍ତୁ ଓ ଆବଶ୍ୟକ ହେଲେ ଔଷଧ ସେବନ କରନ୍ତୁ । ରାତି ଅନିଦ୍ରା ହୁଅନ୍ତୁ ନାହିଁ । ନିଦ ନ ହେଲେ ମଧ୍ୟ ମନକୁ ନିଶ୍ଚିତ ରଖି ୫ ରୁ ୬ ଘଣ୍ଟା ବିଶ୍ରମ କରନ୍ତୁ । କୋଭିଡ ଟୀକା ନେଇ ଓ ଏହାର ନିୟମ ମାନି ସୁସ୍ଥ ଜୀବନ ଯାପନ କରିବାକୁ ପ୍ରୋତ୍ସାହିତ କରନ୍ତୁ । ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଶ୍ରୀ ଭରତ କୁମାର ସାହୁ ଓ ସ୍ୱାସ୍ଥ୍ୟ ପରିଦର୍ଶନ ଶ୍ରୀ ସୁଧୀର କୁମାର ବେହେରା ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ବୟସ୍କ ବ୍ୟକ୍ତିମାନେ ଉପସ୍ଥିତ ଥିଲେ ।

**ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ,ଅନୁଗୋଳ ।**

ଜ୍ଞାପକ ସଂଖ୍ୟା. ୬୪୬ ତା. ୦୧.୧୦.୨୦୨୧ ।

ଏହାର ଏକକିତା ନକଲ ସମସ୍ତ ଜିଲ୍ଲା ସ୍ତରୀୟ ସାମ୍ବାଦିକଙ୍କ ସଦୟ ଅବଗତି ଓ ଏହାର ପ୍ରକାଶନ ନିମନ୍ତେ ପ୍ରେରଣ କରା ଗଲା ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଅନୁଗୋଳ

